## ବ୍ୟବସାୟିକ ଭିତ୍ତିରେ

# ପିଆଜ ଚାଷ







କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ବ୍ୟବସାୟିକ ଭିତ୍ତିରେ ପିଆଜ ଚାଷ

ପିଆଜ ଏକ ଅର୍ଥକାରୀ ଫସଲ ଓ ଏହାକୁ ଆମିଷ ଓ ନିରମିଷ ଖାଦ୍ୟରେ ମୁଖ୍ୟ ମସଲା, କଞ୍ଚା ସାଲଡ଼୍, ବାତ ଶ୍ୱାସ, ଦାନ୍ତ, ଚକ୍ଷୁ ଓ ସୌରତାପ ଜନିତ ରୋଗ ନିରାକରଣ ପାଇଁ ବ୍ୟବହାର କରାଯାଏ । ଭାରତରେ ମୁଖ୍ୟତଃ ମହାରାଷ୍ଟ୍ର, ଗୁଜୁରାଟ, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ପଶ୍ଚିମବଙ୍ଗ, ବିହାର ଓ ଓଡ଼ିଶାରେ ଚାଷ କରାଯାଇଥାଏ । ଓଡ଼ିଶାରେ ଏହାକୁ ୩୪୭୫୦ ହେକ୍ଟର ଜମିରେ ମୁଖ୍ୟତଃ ବଲାଙ୍ଗିର ଅନୁଗୁଳ, କଳାହାଣ୍ଡି, କୋରାପୁଟ, ଗଞ୍ଜାମ ଓ ଅନ୍ୟାନ୍ୟ ଜିଲ୍ଲାରେ ଚାଷ କରାଯାଇଥାଏ । ଅନୁଗୁଳ ଜିଲ୍ଲାରେ ୫୦୧୦ ହେକ୍ଟର ଜମିରେ ପିଆଜ ଚାଷ କରାଯାଇ ହେକ୍ଟର ପିଛା ୧୨.୧ ଟନ୍ ଅମଳ ମିଳିଥାଏ । ଏହାକୁ ଉନ୍ନତ ପ୍ରଣାଳୀରେ ଚାଷ କଲେ ଅଧିକ ଅମଳ ସହିତ ଲାଭ ମଧ୍ୟ ମିଳିଥାଏ ।

**ଜଳବାୟୁ :** ପିଆଜ ସାଧାରଣତଃ ଶୀତ ଦିନେ ଭଲ ହୋଇଥାଏ । ଅତ୍ୟଧିକ ଥଣ୍ଡା, ଗରମ, ବର୍ଷା ବା ଖରା ପିଆଜ ଫସଲ ପାଇଁ ଅନୁପଯୁକ୍ତ । ଅତ୍ୟଧିକ କମ୍ ଉତ୍ତାପରେ ପିଆଜରୁ ଶଣ୍ଢା ବାହାରି ଆସେ । ତାପମାତ୍ରା ହଠାତ୍ ବଢ଼ିଗଲେ ପିଆଜ ଆକାର ସାନ ହୋଇ ଶୀଘ୍ର ପାକଳ ହୋଇଥାଏ ।

**ମୃତ୍ତିକା :** ନିଗିଡା ,ଉର୍ବର, ଦୋରସା, ବାଲିଆ ଦୋରସା, ମଟାଳ ଓ ପଟୁମାଟି ପିଆଜ ଚାଷ ପାଇଁ ବିଶେଷ ଉପଯୁକ୍ତ । ଚିକିଟା, ଲୁଣି, କ୍ଷାରୀ, ଖାଲୁଆ ସନ୍ତସନ୍ତିଆ ଜମିରେ ପିଆଜ ଭଲ ବଢ଼ିପାରେ ନାହିଁ । ହାଲୁକା ମାଟିରେ ପିଆଜ ଫସଲ ଭଲ ହୁଏ । କିନ୍ତୁ ଅଧିକ ପାଣି ଦରକାର କରେ ଓ ଶୀଘ୍ର ପାକଳ ହୋଇଯାଏ । ଭାରି ମାଟିରେ ପିଆଜର ଆକାର ଭଲ ହୁଏ ନାହିଁ ଓ ଖୋଳିବା ସମୟରେ ସମସ୍ୟା ସୃଷ୍ଟି କରେ । ମାଟିର ଅମ୍ଳତା ୫.୮ ରୁ ୬.୫ ମଧ୍ୟରେ ରହିବା ଆବଶ୍ୟକ । ଅନୁଗୁଳ ଜିଲ୍ଲାର ଜଳବାୟୁ ଓ ମୃତ୍ତିକା ଅନୁକୂଳ ଥିବାରୁ ଏହି ଚାଷକୁ ବହୁଳ ଭାବରେ ଚାଷ କରାଯିବା ଦରକାର । ବର୍ଷାଦିନେ ଡ଼ିପ ଜମିରେ ଧାନ ପରିବର୍ତ୍ତେ ପିଆଜ ଚାଷ କରିବା ବାଞ୍ଛନୀୟ ।

**କିସମ :** ଓଲି ପିଆଜରେ ତିନୋଟି ରଙ୍ଗ ଅଛି । ଯଥା – ନାଲି, ଧଳା ଓ ହଳଦିଆ । ନାଲି ଓ ଧଳା କିସମର ଚାହିଦା ଅଛି । ଧଳା କିସମ ଅପେକ୍ଷା ନାଲି କିସମର ରାଗ ଅଧିକ । ଓଡ଼ିଶା ଜଳବାୟୁରେ ଚାଷ ହୋଇପାରିଥିବା ପିଆଜ କିସମ ଗୁଡିକ ହେଲା –

**ନାଲି ଓଲିପିଆଜ**–ଏଗ୍ରିଫାଉଣ୍ଡଲାଇଟ ରେଡ, ନାସିକ୍‌ରେଡ,

ପୁଷାରେଡ, ପୁଷାରତନାର, ଏଗ୍ରିଫାଉଣ୍ଡ ଡାର୍କରେଡ, ପଞ୍ଜାବ ସିଲେକସନ, ଏନ- ୫୩, ଏନ-୨-୪-୨, ଏନ୍ ୨୦୭-୧, ହିସାର-୨, ସି.ଓ-୨.

**ଧଳା ଓଲିପିଆଜ -** ପୁଷା ହ୍ୱାଇଟରାଉଣ୍ଡ, ପୁଷା ହ୍ୱାଟପ୍ଲାଟ, ଧୂଳିଆ, ଏନ୍. ୨୫୭- ୯-୧, ଏନ୍-୧୨୩-୭-୧, ଉଦୟପୁର -୧୦୨, ପାଟଣା ହ୍ୱାଇଟ ଇତ୍ୟାଦି ।

**ଛୋଟ ପିଆଜ ବା ଦେଶୀ ପିଆଜ:** ସିଓ-୧, ସିଓ-୨, ସିଓ-୩, ଆର୍କାବିନ୍ଦୁ, ଏମ୍.ଡି-ୟୁ-୧, ରମ୍ଭାଲୋକାଲ, ଜରିପଡା ଲୋକାଲ ଇତ୍ୟାଦି ।

**ଲଗାଇବା ସମୟ :** ସାଧାରଣତଃ ଶୀତଦିନିଆ ପିଆଜ ନଭେମ୍ବରରୁ ଡିସେମ୍ବର ମାସରେ ଲଗାଯାଏ ଓ ଫେବୃୟାରୀରୁ ଅପ୍ରେଲ ମାସ ମଧ୍ୟରେ ଅମଳ କରାଯାଏ । ଖରିଫ୍ ପିଆଜ ପାଇଁ ଜୁଲାଇ- ଅଗଷ୍ଟ ମାସ ମଧ୍ୟରେ ଲଗାଯାଇ ଅକ୍ଟୋବର- ନଭେମ୍ବର ମାସ ମଧ୍ୟରେ ଅମଳ କରାଯାଇଥାଏ । ବିଳମ୍ବ ଖରିଫ ପିଆଜ ପାଇଁ ଅଗଷ୍ଟ ଓ ସେପ୍ଟେମ୍ବର ଜମିରେ ଲଗାଯାଏ ।

**ବିହନ ପରିମାଣ :** ଦେଶୀ ପିଆଜର କୋଳା ଓ ଓଲିପିଆଜର ମଞ୍ଜିରୁ ତଳି କରି ରଖାଯାଇଥାଏ । ଶୀତଦିନିଆ ଓଲିପିଆଜ ଚାଷ ପାଇଁ ହେକ୍ଟର ପ୍ରତି ୮-୧୦ କି.ଗ୍ରା ଓ ବର୍ଷାଦିନିଆ ଚାଷ ପାଇଁ ୧୨.୫ କି.ଗ୍ରା ମଞ୍ଜି ଦରକାର ହୁଏ । ଦେଶୀ ପିଆଜ ଚାଷ ପାଇଁ ୧୦୦୦-୧୨୦୦ କି.ଗ୍ରା. ପିଆଜ କୋଳା ହେକ୍ଟର ପିଛା ଦରକାର ହୋଇଥାଏ । ମଞ୍ଜି ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୩ ଗ୍ରାମ ଥିରାମ ଗୁଣ୍ଡ ଗୋଳେଇ ବିଶୋଧନ କରାଯାଏ । ମଞ୍ଜି ଲଗାଇବାର ୧୫-୨୦ ଦିନ ପୂର୍ବରୁ ଟ୍ରାଇକୋଡର୍ମାଭିରିଡେ କବକ ଦ୍ୱାରା ସେହି ମାଟିକୁ ଉପଚାରିତ କଲେ ମୂଳସଢ଼ା ରୋଗ କମ୍ ହୋଇଥାଏ ।

**ତାରା ପ୍ରସ୍ତୁତ କରିବା ପଦ୍ଧତି :** ସାଧାରଣତଃ ବର୍ଷାଦିନିଆ ପିଆଜ ପାଇଁ ଜୁନ୍ ମାସରେ ଓ ଶୀତଦିନିଆ ପିଆଜ ପାଇଁ ସେପ୍ଟେମ୍ବର-ଅକ୍ଟୋବର ମାସରେ ତଳି ପକାଯାଏ । ଏକ ହେକ୍ଟର ପିଆଜ ଚାଷ ପାଇଁ ୫୦୦ ବର୍ଗମିଟର ତଳି ଘେରା ଆବଶ୍ୟକ ହୋଇଥାଏ । ତଳି ପଟିଗୁଡିକ ୩ ମିଟର ଲମ୍ବ, ୧ ମିଟର ଓସାର ଓ ୧୫ ସେ.ମି. ଉଚ୍ଚ ହେବା ଦରକାର ଓ ଦୁଇ ପଟି ମଧ୍ୟରେ ୭୦ ସେ.ମି. ବ୍ୟବଧାନ ରଖାଯାଇଥାଏ । ମଞ୍ଜି ବୁଣିବାର ୭ ଦିନ ପୂର୍ବରୁ ଖତ ସାରକୁ ଭଲ ଭାବେ ମାଟିରେ ମିଶାଇ ମାଟିକୁ ଖୁସାଇ ଗୁଣ୍ଡ କରାଯାଏ । ମଞ୍ଜିକୁ ଶୁଖିଲା ଖତ ଗୁଣ୍ଡ ଦ୍ୱାରା ଘୋଡାଇ ହାଲ୍କା ଭାବରେ ମାଟିକୁ ଦବାଇ ଦିଆଯାଏ । ପ୍ରତି ୧୫ ଦିନରେ ଥରେ ୨ ଗ୍ରାମ ବାଭିଷ୍ଟିନ ବା ଥିରାମ ଏକ ଲିଟର ପାଣିରେ ମିଶାଇ ତଳିଘେରାକୁ ଭିଜାଇ ଦିଆଯାଏ । ଏହାଦ୍ୱାରା ଘରାକଟା ରୋଗ ତଳିଘେରାରେ ହୋଇନଥାଏ । ବର୍ଷାଦିନ ପିଆଜ ପାଇଁ ତଳି ଘରା ଜରି ଘର ଭିତରେ ପ୍ରସ୍ତୁତ କରନ୍ତୁ ନଚେତ ବର୍ଷା ଦ୍ୱାରା ତଳି ପଚି ଯିବାର ସମ୍ଭାବନା ଥାଏ ।

**ଜମି ପ୍ରସ୍ତୁତି :** ଜମିକୁ ଦୁଇ ତିନି ଥର ଚାଷ କରି ମାଟି ଗୁଣ୍ଡ କରାଯାଏ । ୨ ମିଟର ଓସାରରେ ଛୋଟ ଛୋଟ ପଟାଳି କରି ଜମିକୁ ସମତୁଲ କରାଯାଏ । ପ୍ରତି ହେକ୍ଟର ପିଛା ୩୦ ଟନ ହିସାବରେ ଗୋବର ଖତ ଭଲ ଭାବେ ମାଟି ସହିତ ମିଶାଯାଏ । ରୋପଣର ଗୋଟିଏ ଦିନ ପୂର୍ବରୁ ପ୍ରତି ହେକ୍ଟର ପିଛା ୨୦୦ କି.ଗ୍ରା କ୍ୟାଲସିୟମଆମୋନିୟମନାଇଟ୍ରେଟ ଅଥବା ୧୦୦ କି.ଗ୍ରା. ୟୁରିଆ, ୩୦୦ କି.ଗ୍ରା. ସିଙ୍ଗଲସୁପରଫସଫେଟ ଓ ୧୦୦ କି.ଗ୍ରା. ମ୍ୟୁରିଏଟଅଫପୋଟାସ ମାଟିରେ ମିଶାଇବା ଉଚିତ ।

**ଚାରା ରୋପଣ ପଦ୍ଧତି :** ବର୍ଷା ଦିନରେ ୬-୩ ସପ୍ତାହ ଓ ଶୀତ ଦିନରେ ୮-୧୦ ସପ୍ତାହର ତଳି ମୁଖ୍ୟ ଜମିରେ ଲଗାଯିବା ପାଇଁ ଉପଯୁକ୍ତ । ତଳିଗୁଡିକ ୧୨- ୧୫ ସେ.ମି. ଉଚ୍ଚା ହୋଇଗଲେ ଉପର ବେଳା ଉପାଡି ଲଗାଯାଏ । ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହରି ଆସେ ।

ଖରିଫ୍ ସମୟରେ ଅଗଷ୍ଟ ମାସରେ ପ୍ରଥମ ସପ୍ତାହରେ ଲଗାଯାଇଥାଏ । ରବି ଫସଲ ପାଇଁ ଡିସେମ୍ବର ମାସ ଉଚିତ ସମୟ ଅଟେ । ଲଗାଇବା ସମୟରେ ୧୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନ ରହିବା ଦରକାର । ସାଧାରଣତଃ ସମତୁଲ ପଟାଳିରେ ଚାରା ଲଗାଯାଇଥାଏ କିନ୍ତୁ ବର୍ଷା ଦିନରେ ଛୋଟ ଛୋଟ ହୁଡା ଟେକି ପିଆଜ ଚାରା ଲଗେଇବା ଭଲ । ଦେଶୀ ପିଆଜ ପାଇଁ ମଧ୍ୟମ ଆକାରର କୋଳାଗୁଡିକ ଧାଡିକୁ ଧାଡି ୧୫ ସେ.ମି. ଓ କୋଳାକୁ କୋଳ ୮ ସେ.ମି. ବ୍ୟବଧାନରେ ଗୋଟି ଗୋଟି କରି ଲଗେଇ ମାଟି ଘୋଡାଇ ଦିଆଯାଏ । କୋଳାଗୁଡିକର ଅଗ୍ରଭାଗ ମାଟି ଉପରକୁ ରହିବା ଉଚିତ୍ । ରୋଇବା ପରେ ପାଣି ଦିଆଯାଇଥାଏ । ଲଗାଇବା ପୂର୍ବରୁ ଚାରାର ଚେରକୁ ୦.୨% ରିଡୋମିଲ ଦ୍ରବଣ ଦ୍ୱାରା ବିଶୋଧନ କରାଯାଏ ।

**ଫସଲର ଯତ୍ନ :** ପିଆଜର ଚେର୍ କମ୍ ଗଭୀରକୁ ଯାଇଥାଏ, ପ୍ରାୟ ୧୫ ସେ.ମି. ଅଧିକ ଗଭୀରକୁ ଯାଏ ନାହିଁ । ତେଣୁ ମାଟିର ଉପର ଭାଗ ହାଲ୍କା ରହିବା ଦରକାର । ତଳି ଲଗେଇବାର ୬୦ ଦିନ ପରେ ମାଟିକୁ କୌଣସି ପ୍ରକାର ଆଘାତ ହେବା ଉଚିତ ନୁହେଁ । ଅନାବନା ଘାସକୁ ହାତରେ ଉପାଡି ଦିଆଯାଏ । ଘାସଗୁଡିକ ମାରିବା ପାଇଁ ଘାସମରା ଔଷଧ ପ୍ରୟୋଗ କରାଗଲେ ଖର୍ଚ୍ଚ କମ୍ ହୋଇଥାଏ । ଗଛ ରୋଇବାର ୩ ଦିନ ପୂର୍ବରୁ ହେକ୍ଟର ପ୍ରତି ୧ ଲିଟର ବାସାଲିନ ୮୦୦ ଲିଟର ପାଣିରେ ମିଶେଇ ପ୍ରୟୋଗ କରାଯାଏ ଓ ଗଛ ଲଗେଇବାର ୪୫ ଦିନ ପରେ କୋଡାଖୋସା କରି ଘାସ ବାଛି ଦିଆଯାଏ କିମ୍ବା ତଳି ରୋଇବାର ୩ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ ବା ୨.୫ ଲିଟର ଲାସୋ ୮୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରାଯାଏ ।

ଶୀତ ଦିନିଆ ପିଆଜକୁ ସେପ୍ଟେମ୍ବର – ଅକ୍ଟୋବର ମାସରେ ତଳି ରୋଇଲେ ଅଧିକ ଶଣ୍ଢା ବାହାରିଥାଏ । ରୋଇବାର ୬୦ ଦିନ ପରେ ଶଣ୍ଢା ବାହାରିବା ଆରମ୍ଭ ହୋଇଥାଏ । ଶଣ୍ଢା ବାହାରିଲେ ଯଥା ଶୀଘ୍ର କାଟି ଦିଆଯାଏ । ରୋଇବାର ୭୫ ଦିନ ପରେ ୬ ଗ୍ରାମ ମାଲିକ ହାଇଡ୍ରାଜାଇଡ ପ୍ରୟୋଗ କଲେ ଶଣ୍ଢା ବାହାରି ନଥାଏ ।

**ସାର ଦେବାର ପରିମାଣ ଓ ସମୟ :** ପିଆଜ ଚାଷ ପାଇଁ ହେକ୍ଟର ପ୍ରତି ୧୨୦ କି.ଗ୍ରା. ଯରକ୍ଷାରଜାନ ୬୦ କି.ଗ୍ରା ଫସ୍‌ଫରସ ଓ ୬୦ କି.ଗ୍ରା ପଟାସ ସାର ଆବଶ୍ୟକ । ଅଧା ଯବକ୍ଷାରଜାନ, ସମୁଦାୟ ଫସଫରସ ଓ ଅଧା ପଟାସ ସାରକୁ ମୂଳସାର ରୂପେ ତଳି ରୋଇବାର ଦୁଇ ଦିନ ଆଗରୁ ମାଟିରେ ମିଶେଇ ଦିଆଯାଏ । ବଳକା ଥିବା ଅଧା ଯବକ୍ଷାରଜାନ ଓ ଅଧା ପଟାସ ସାରକୁ ସାଧାରଣତଃ ତଳି ରୋଇବାର ୨୫-୩୦ ଦିନରେ ପ୍ରୟୋଗ କରି ମାଟି ଖୁସାଯାଏ କିମ୍ବା ଦୁଇଭାଗ କରି ତଳି ରୋଇବାର ୨୫-୩୦ ଦିନରେ ଥରେ ଓ ୪୫-୫୦ ଦିନରେ ଆଉ ଥରେ ପ୍ରୟୋଗ କରାଯାଏ ।

ଯଦି କ୍ୟାଲସିୟମ ଆମୋନିୟମ ନାଇଟ୍ରେଟ ଦିଆଯାଏ, ତେବେ ଦେବା ସଂଗେ ସଂଗେ ପାଣି ଦେବା ନିହାତି ଜରୁରୀ । କିନ୍ତୁ ୟୁରିଆ ପାଣି ଦେବା ପରେ ଦିଆଯାଇଥାଏ ।

**ଜଳ ସେଚନ :** ତଳି ଲଗାଇବା ପରେ ପାଣି ଦେବା ଆବଶ୍ୟକ । ପିଆଜର ଚେର ଅଳ୍ପ ଗଭୀରକୁ ଯାଉଥିବାରୁ ଏହି ଫସଲ ଜଳର ଅଭାବ ସହିପାରେ ନାହିଁ । ତେଣୁ ଅଳ୍ପ ପାଣି କମ୍ ଦିନ ବ୍ୟବଧାନରେ ଦିଆଯାଏ । ଅଧିକ ପାଣି ମଡେଇଲେ ବା ପାଣି ଜମି ରହିଲେ ପିଆଜ ସଢ଼ିଯାଏ ଓ ଭଲ ଅମଳ ମିଳେ ନାହିଁ । ଫସଲରେ ୧୫-୨୦ ଟି ଜଳସେଚନ ଦରକାର କରିଥାଏ । ବର୍ଷା ଦିନରେ ୮-୧୦ ଥର ଓ ଶୀତ ଦିନରେ ୧୦-୧୫ ଦିନ ବ୍ୟବଧାନରେ, ଖରାଦିନରେ ୭ ଦିନ ଅନ୍ତରରେ ଓ ବାଲିଆ ମାଟିରେ ୩ ଦିନରେ ଥରେ ପାଣି ମଡାଯାଏ । ଗଛ ବଢ଼ିବା ସମୟରେ ଅଧିକ ବ୍ୟବଧାନରେ ଓ ପିଆଜ ଫୁଲିବା ସମୟରେ କମ୍ ବ୍ୟବଧାନରେ (ଲଗେଇବାର ୬୦ ଦିନରୁ ୧୧୦ ଦିନ ପର୍ଯ୍ୟନ୍ତ) ଜଳସେଚନ କରିବା ଦରକାର । ପିଆଜ ଫୁଲିବା ସମୟରେ ପାଣି ମଡେଇବାରେ ଅବହେଳା କଲେ ପିଆଜ ମଧ୍ୟ ଫାଟି ଯାଇଥାଏ । ଏହି ଫସଲରେ ଅଧିକ ପାଣି ମଡେଇଲେ ମୋଟା ବା ଲମ୍ବା ବେକ ପିଆଜ ଓ ଅନିୟମିତ ପାଣି ମଡେଇଲେ ଦୁଇ ଫାଳିଆ ପିଆଜର ପରିମାଣ ଅଧିକ ହୋଇଥାଏ ।

**ରୋଗପୋକ ପରିଚାଳନା :** ଉକୁଣିଆ ପୋକ ପିଆଜର ମୁଖ୍ୟ ପୋକ । ଏହା ଲାଗିଲେ ପତ୍ରରୁ ରସ ଶୋଷି ନେବା ଫଳରେ ଗଛ ଶୁଖି ମରିଯାଏ । ଏହି ପୋକ ମାଟିରେ ରହୁଥିବାରୁ ମାଟିକୁ ନିୟମିତ କୋଡାଖୁସା କରି ପାଣି ମଡେଇଲେ ଏହାର ପ୍ରାଦୁର୍ଭାବ କରିଯାଏ । ଜମି ରୋଇବା ବେଳେ ଏକର ପିଛା ୧ କ୍ୱିଣ୍ଟାଲ ନିମ

ପିଢ଼ିଆ ସହିତ ଲଗାଇବାର ୨୫ଦିନ ପରେ ଇମିଡ଼ାକ୍ଲୋପ୍ରିଡ୍ ୧ମିଲି. ୩ଲିଟର ପାଣିରେ ଗୋଳାଇ ୧୦ ଦିନ ଅନ୍ତରରେ ୨ଥର ସିଞ୍ଚନ କରିବା ଉଚିତ୍ ।

ପିଆଜର ମୁଖ୍ୟ ରୋଗ ହେଲା ବାଦାମୀ ବ୍ଲଚ ବା ପତ୍ରପୋଡା । ଏହି ରୋଗରେ ଆକ୍ରାନ୍ତ ରୋଗ ଗଛର ପତ୍ର ଆଗଆଡୁ ପୋଡିଗଲା ପରି ଦେଖାଯାଏ । ରୋଗାକ୍ରାନ୍ତ ଗଛର ଅଗ୍ରଭାଗକୁ ଛିଣ୍ଡାଇବା ପରେ ପ୍ରତି ଲିଟର ପାଣିରେ ୧ଗ୍ରାମ ସାଫ୍ ବା ୧ଗ୍ରାମ ରିଡ଼ୋମିଲ୍ ଏମ୍ ଜେଡ୍ ବା ୩ ଗ୍ରାମ ଇଣ୍ଡୋଫିଲଏମ ୪୫ ମିଶାଇ ୫୦ ଦିନ ପରେ ୧୦ ଦିନ ଅନ୍ତରରେ ୨-୩ ଥର ସିଞ୍ଚନ କରାଗଲେ ଏହି ରୋଗର ନିୟମନ୍ତ୍ରଣ ହୋଇଥାଏ । ଔଷଧ ସିଞ୍ଚନ କରିବା ବେଳେ ପ୍ରତି ଲିଟର ପାଣିରେ ୧ ମି.ଲି. ଟିପଲ ମିଶାଇ ସିଞ୍ଚନ କଲେ ଔଷଧ ପତ୍ରରେ ଲାଗିରହେ ଏବଂ ଭଲ କାମ ଦିଏ । ପିଆଜ ଖୋଳିବାର ୧୦ ଦିନ ପୂର୍ବରୁ ଔଷଧ ଛିଞ୍ଚିବା ବନ୍ଦ କରିଦେବା ଆବଶ୍ୟକ ।

**ଅମଳ :** ପିଆଜ କିସମ ଅନୁସାରେ ୧୧୦ ରୁ ୧୫୦ ଦିନ ମଧ୍ୟରେ ଅମଳ କରାଯାଇଥାଏ । ପିଆଜ ଗଛର ୬୦-୭୦ ଭାଗ ପତ୍ର ହଳଦିଆ ହୋଇ ଝୁଲି ପଡିଲେ ପିଆଜ ଅମଳ କରାଯାଏ । ଖୋଳିବାର ୧୦-୧୫ ଦିନ ପୂର୍ବରୁ ପାଣି ବନ୍ଦ କରି ୨.୫ ଗ୍ରାମ ମାଲିକହାଇଡ୍ରାଜାଇଡ୍ ପ୍ରତି ଲିଟର ପାଣିରେ ମିଶାଇ ଫସଲ ଉପରେ ସିଞ୍ଚନ କଲେ ଅମଳ ପରେ ପିଆଜ ଗଜା ନ ହୋଇ ବେଶି ଦିନ ସାଇତି ରହପାରେ । ଗଛ ହଳଦିଆ ପଡିବା ପୂର୍ବରୁ ଅମଳ କଲେ ପିଆଜରେ ଶୀଘ୍ର ଗଜା ବାହରିଯାଏ । ଶୁଷ୍କ ଖରାଟିଆ ଗରମ ପାଗ ଦେଖି ପିଆଜ ଅମଳ କରାଯାଏ । ଅମଳ ପରେ ବେକ ଉପରୁ ୨.୫ ସେ.ମି. ରଖି ଅଗ ଓ ସମୁଦାୟ ଚେର କାଟି ଦିଆଯାଏ ।

**ଉତ୍ପାଦନ :** ଖରିଫ ଫସଲ ସମୟରେ ୨୦୦-୨୫୦ କ୍ୱିଣ୍ଟାଲ ପ୍ରତି ହେକ୍ଟର ପିଛା ଏବଂ ରବି ଫସଲ ସମୟରେ ୩୦୦-୩୫୦ କ୍ୱିଣ୍ଟାଲ ପ୍ରତି ହେକ୍ଟର ଉତ୍ପାଦନ ହେବା ଦେଖାଯାଇଥାଏ ।

**ବିଷୟବସ୍ତୁ :**

ଡ଼. ଦେବବ୍ରତ ପାଣିଗ୍ରାହୀ

ଶ୍ରୀ ଦିବ୍ୟ ସୁନ୍ଦର କର

ଶ୍ରୀ ଭକ୍ତଚରଣ ଧୀର୍

ଶ୍ରୀ ବିମଳେନ୍ଦୁ ମହାନ୍ତି

ଶ୍ରୀମତୀ ସୁମିତା ଆଚାର୍ଯ୍ୟ

**ସମ୍ପାଦନା :**

ଡ଼. ଦେବବ୍ରତ ପାଣିଗ୍ରାହୀ

**ସୌଜନ୍ୟ : ଆତ୍ମା, ଅନୁଗୁଳ**